

## ଗଲେଣି ୩ ଜଣ ଠିକାଦାର

# ଦୁଇବର୍ଷ ହେଲା ସରୁନି ପାଣି ଟାଙ୍କି କାମ

କଳାବାଡ଼ିଆ, ୨୫।୪( ସମିସ): ବାଙ୍ଗିରିପୋଷି ବ୍ଲକ କଳାବାଡ଼ିଆ ପଞ୍ଚାୟତର ଜଗନ୍ନାଥଖୁଣ୍ଟା ଗାଁ ମୁଣ୍ଡରେ ଚାଲିଛି ମେଗା ପାନୀୟଜଳ ପ୍ରକଳ୍ପର ସୁଉଚ୍ଚ ପାଣି ଟାଙ୍କି କାମ। ଦୁଇବର୍ଷ ବିତିଗଲେ ମଧ୍ୟ କାମ ସରୁନି। ଗୁଜୁରାଟର ମଲଟି କାର୍ଲୋ ଲିମିଟେଡ଼ ଠିକା ସଂସ୍ଥା ଏହି କାମ ନେଇଛି। ୧୮୦ କୋଟି ଟଙ୍କାରେ ୨୫ଟି ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ ଚାଲିଛି। କେତେତ ଶେଷ ହେବାକୁ ବସିଥିବାବେଳେ ଆଉକିଛି ଅଧାପନ୍ତରିଆ ପଡ଼ିରହିଛି। ବାଙ୍ଗିରିପୋଷି ବ୍ଲକରେ ଏହି କମ୍ପାନୀ ୩ଟି ଟାଙ୍କି ନିର୍ମାଣ କରୁଛି। ବାଙ୍ଗିରିପୋଷି ବ୍ଲକର କୁମ୍ଭାର ମୁଣ୍ଡାକଟା, ପଥୁରି ଓ ଜଗନ୍ନାଥଖୁଣ୍ଟାରେ ମନ୍ଥର ଗତିରେ କାମ ଚାଲିଛି। ଠିକା ସଂସ୍ଥା ନିଜେ କାର୍ଯ୍ୟ ନ କରି ଅନ୍ୟ ଠିକା ସଂସ୍ଥାକୁ କାର୍ଯ୍ୟ ଦେଇଛି। ଜଗନ୍ନାଥଖୁଣ୍ଟାରେ ଚାଲିଥିବା ପାଣି ଟାଙ୍କି ପାଇଁ ତିନ ଜଣ ଠିକାଦାର ଅଳ୍ପ କାର୍ଯ୍ୟ କରି ପଳାଇଛନ୍ତି। ଏବେ ଚତୁର୍ଥ ଠିକାଦାର କାର୍ଯ୍ୟ ଧରିଛନ୍ତି। ସାରସକଣାର ମେରୁ ମୋଠ ସୁବର୍ଣ୍ଣରେଖା ନଦୀର ପାଣିକୁ ଫିଲଟର କରି ଗ୍ରାମବାସୀଙ୍କୁ ପାଣି ଦିଆଯିବାକୁ ସିଦ୍ଧାନ୍ତ ନିଆଯାଇଛି। କାର୍ଯ୍ୟ କରିବାର ଅବଧି ସରିଗଲେ ମଧ୍ୟ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଗ୍ରାମରେ ଜନଅସନ୍ତୋଷ ଦେଖାଦେଇଛି।

### ପାଣି ପାଇଁ ଜଗନ୍ନାଥଖୁଣ୍ଟା ଗ୍ରାମବାସୀ ହନ୍ତସନ୍ତ

ଜଗନ୍ନାଥଖୁଣ୍ଟା ଗାଁରେ ଏବେ ଜଳସଂକଟ ଦେଖାଦେଇଛି। ପାଣି ପାଇଁ ଲୋକ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗୋଟିଏ ନଳକୂପ ଉପରେ ୬୫ରୁ ଊର୍ଦ୍ଧ୍ୱ ପରିବାର ଭରସା କରୁଛନ୍ତି। ତାହା ପୁଣି ବହୁ ବିଳମ୍ବରେ ପାଣି ବାହାରୁଛି। ଏପଟେ ମେଗା ପ୍ରକଳ୍ପ କାର୍ଯ୍ୟ ଧିମା ପାଇଁ ଗ୍ରାମରେ ଅସନ୍ତୋଷ ଦେଖାଯାଇଛି। ଠିକା ସଂସ୍ଥା ଆଜି ପର୍ଯ୍ୟନ୍ତ ବହୁ ଘରେ ପାଣି ପାଇପ୍ ବିଛାଇ ନ ଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ପାଇପ ବିଛାଯିବା ପରେ ଖାଲ ନବୁଝି ଠିକାଦାର ପଳାଇଥିବା ଗ୍ରାମର କୁନା ପାତ୍ର, ହାଡିବନ୍ଧୁ ମିଶ୍ର, ମାମା ମିଶ୍ର, ପଙ୍କଜ ଷଡ଼ଙ୍ଗୀ, ଲାଲଟୁ ପାଣି, ଇଲୁ ମିଶ୍ର କହିଛନ୍ତି। ଶୀଘ୍ର କାମ ଶେଷ ନ ହେଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ଜନଗଣନା ଅଧିକାରୀଙ୍କୁ ସହଯୋଗ କରିବାକୁ ସଚେତନ କଲେ ତହସିଲଦାର

ରାସଗୋବିନ୍ଦପୁର, ୨୫।୪(ସମିସ): ୧୮ ୭୨୦ାରୁ ଭାରତରେ ଜନଗଣନା ଆରମ୍ଭ ହୋଇଥିବାବେଳେ ପ୍ରତି ୧୦ ବର୍ଷରେ ଥରେ ଏହି କାର୍ଯ୍ୟ କରାଯାଇଥାଏ। ଏବେ ୨୦୨୭ ଜନଗଣନା ହେଉଛି। ଜନଗଣନାରେ ସାମିଲ ହୋଇଛନ୍ତି ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ। ପ୍ରଥମ ପର୍ଯ୍ୟାୟରେ ଗୃହ ଗଣନା ହେଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀରୁ ଜନଗଣନା ହେବ। କେତେକ ଲୋକଙ୍କ ଭୁଲ ଧାରଣା ସୃଷ୍ଟି ହେଉଥିବାରୁ ରାସଗୋବିନ୍ଦପୁର ତହସିଲଦାର ଉପେନ୍ଦ୍ର ଦାସ ଜନଗଣନାକୁ ନେଇ ସାଧାରଣ ଲୋକଙ୍କୁ ସଚେତନ କରିଛନ୍ତି। କିଛି ଲୋକେ ଭାବୁଛନ୍ତି ଯେ ଜନଗଣନା କରିବାକୁ ଆସୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓଟିପି, ମୋବାଇଲ ଆପ ଇନଷ୍ଟଲ କରିବାକୁ କହିବା, ଆଧାର କାର୍ଡ ମାଗିବା, ପାନ କାର୍ଡ ମାଗିବେ। କିନ୍ତୁ ସେଭଳି କୌଣସି ନିୟମ ନାହିଁ। ଯଦି କେହି ମାଗୁଛନ୍ତି, ତେବେ ତାଙ୍କ ଆଇ କାର୍ଡ ଦେଖନ୍ତୁ ଓ ପୁଲିସକୁ ଖବର ଦିଅନ୍ତୁ। ସରକାରଙ୍କ ପକ୍ଷରୁ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଜନଗଣନା କରିବାକୁ ଯାଉଛନ୍ତି, ସେମାନଙ୍କ ପାଖରେ ଥିବା ଆଇ-କାର୍ଡରେ ତହସିଲଦାରଙ୍କ ସିଲ ଦସ୍ତଖତ ରହୁଛି।

ଅପରପକ୍ଷରେ ମୁଖ୍ୟତଃ ନିକଟବର୍ତ୍ତୀ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ଜନଗଣନାରେ ସାମିଲ ହୋଇଛନ୍ତି। ଜନଗଣନା କରିବାକୁ ଯାଉଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସହଯୋଗ କରିବା ସହ ୩୪ ପ୍ରଶ୍ନର ଉତ୍ତର ଦେଇ ଦେଶ ଓ ରାଜ୍ୟର ବିକାଶ, ପ୍ରଗତିରେ ସାମିଲ ହୁଅନ୍ତୁ ବୋଲି ତହସିଲଦାର ଉପେନ୍ଦ୍ର ଦାସ କହିଛନ୍ତି। କୌଣସି ଜନଗଣନା ଅଧିକାରୀଙ୍କୁ ସଠିକ ତଥ୍ୟ ଦେଲେ ସରକାରଙ୍କ ପକ୍ଷରୁ ଉକ୍ତ ତଥ୍ୟ ଆଧାରରେ ସରକାରଙ୍କୁ ନୂତନ ପଲିସି କରିବାରେ ସହାୟକ ହେବ। ଫଳରେ ସମସ୍ତେ ଉପକୃତ ହେବେ।

## ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ୧୦ ଜଣ ହିତାଧିକାରୀଙ୍କୁ ନୂତନ କାର୍ଯ୍ୟାଦେଶ ବଣ୍ଟନ

ବାରିପଦା, ୨୫।୪(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବାରିପଦା ବିଧାୟକ ପ୍ରକାଶ ସୋରେନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ



ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇଥିଲେ। ସେହିପରି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ସବରେ ରାଜ୍ୟସ୍ତରୀୟ ସମାରୋହର ସିଧା ପ୍ରସାରଣ କରାଯାଇଥିଲା। ଏହାର ସମାପନ ପରେ ଜିଲ୍ଲାର ଅନ୍ତ୍ୟୋଦୟ ଗୃହ ଯୋଜନାର ୧୦ ଜଣ ହିତାଧିକାରୀଙ୍କୁ ନୂତନ କାର୍ଯ୍ୟାଦେଶ ବଣ୍ଟନ ଓ ଗ୍ରାମୀଣ ଗୃହ ଯୋଜନାରେ ୫ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଏଥିସହ ଜିଲ୍ଲାସ୍ତରରେ ସ୍ୱଚ୍ଛ ଭାରତ ମିଶନରେ ଆଦର୍ଶ, ସ୍ୱଚ୍ଛ ଓ ପରିମଳ ଗ୍ରାମ ଭାବେ ବିଶୋଇ ବ୍ଲକର ବୁବେଇଯୋଡା ସରପଞ୍ଚ, ୩ ଜଣ ସ୍ୱଚ୍ଛତା ପରିମଳ କର୍ମୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ଠିଙ୍ଗ ପଞ୍ଚାୟତ ସମିତି, ପିଏମ ଜନମନରେ ସର୍ବାଧିକ ଗୃହ ସମାପ୍ତ କରିବାରେ ଯଶିପୁର ପଞ୍ଚାୟତ ସମିତି, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨ ସର୍ବୋଚ୍ଚ ପଞ୍ଚାୟତ ସମିତି ଭାବେ ରାସଗୋବିନ୍ଦପୁର ଓ ବାରିପଦାର ବିଡିଓଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍‌ବ୍ୟତୀତ ଜିଲ୍ଲାରେ ୩୫୧୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯାଇଛି। ସେହିପରି ସମଗ୍ର ଜିଲ୍ଲାରେ ୩୨୨୯ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ରାଶି ପ୍ରଦାନ କରାଯାଇଛି। ବିଭିନ୍ନ ବ୍ଲକ ଓ ପଞ୍ଚାୟତର ପଞ୍ଚାୟତିରାଜ ସଦସ୍ୟଙ୍କ ସମେତ ଜନସାଧାରଣଙ୍କ ସମାଗମ ହୋଇଥିଲା।

## ଗାଡ଼ି ଧକ୍କାରେ ୩ ଗୁରୁତର ଆହତ

ରାଇରଙ୍ଗପୁର, ୨୫।୪(ସମିସ): ବନ ବିଭାଗର ଥାର ଗାଡ଼ି ଧକ୍କାରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ ହୋଇଛି। ଆହତମାନେ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଖା ସାହିର ନମିତା ପରିଡ଼ା, ଶ୍ୟାମଳ ପରିଡ଼ା ଓ ହଁସିକ ପରିଡ଼ା। ଏମାନେ ବୁଲେଟରେ ଆସୁଥିବାବେଳେ ବଡ଼ାମତଳିଆ ନଦୀ ପୋଲ ନିକଟରେ ବିପରୀତ ଦିଗରୁ ଆସୁଥିବା ବନ ବିଭାଗର ଦ୍ରୁତଗାମୀ ଥାର ଗାଡ଼ି ଧକ୍କା ଦେଇଥିଲା। ବେପରୁଆ ଗାଡ଼ି ଚାଳନା କରି ଦୁର୍ଘଟଣା ଘଟାଇବା ପରେ ଉଦ୍ଧାର କରି ହସ୍ପିଟାଲକୁ ନେବା ପରିବର୍ତ୍ତେ ଗାଡ଼ି ଚମ୍ପଟ ମାରିଥିଲା। ଫଳରେ ୩ ଜଣ ଗୁରୁତର ଭାବେ ଆହତ ହୋଇ ରାସ୍ତା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମହିଳାଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଏ ନେଇ ଆହତଙ୍କ ପରିବାର ପକ୍ଷରୁ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରାଯାଇଥିବାବେଳେ ଦୁର୍ଘଟଣା ଘଟାଇଥିବା ବନ ବିଭାଗ ଗାଡ଼ି ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

## କରଞ୍ଜିଆରେ ଶ୍ରୀମାଙ୍କ ବିଜୟ ଦିବସ



କରଞ୍ଜିଆ, ୨୫।୪(ସମିସ): କରଞ୍ଜିଆରେ ଶ୍ରୀଅରବିନ୍ଦ ଅତିମାନସ ଦିବ୍ୟଧାମ ପାଠଚକ୍ର ସଂଗଠନର ସଦସ୍ୟଙ୍କ ଦ୍ୱାରା ଶ୍ରୀମାଙ୍କ ବିଜୟ ଦିବସ ପାଳନ କରାଯାଇଛି। ପ୍ରତିଷ୍ଠାତା ସଭାପତି ଇଂ ତ୍ରିଲୋଚନ ସେଠୀ ଓ ଅନ୍ୟ ସଦସ୍ୟ ଭାରତ ମାତାଙ୍କ ଫଟୋଚିତ୍ରରେ ଧୂପ, ପୁଷ୍ପ ଅର୍ପଣ କରି ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଦର୍ଶନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ୧୯୨୦ ଏପ୍ରିଲ ୨୪ ତାରିଖରେ ଶ୍ରୀମାଙ୍କ ପଣ୍ଡିଚେରୀକୁ ଶେଷଥର ପାଇଁ ଆଗମନର ଦିବସକୁ ଭାରତର ଆଧ୍ୟାତ୍ମିକ ଇତିହାସରେ ଏକ ସ୍ୱତନ୍ତ୍ର ଦିବସ ରୂପେ ବର୍ଣ୍ଣନା କରିଥିଲେ। ଏହି ଦିନଠାରୁ ନୂତନ ଜଗତ ଗଠନର ଶୁଭାରମ୍ଭ ହେଲା ବୋଲି ଶ୍ରୀଅରବିନ୍ଦ ଘୋଷଣା କରିଥିଲେ। ଏହାର ତାତ୍ପର୍ଯ୍ୟ, ଭାରତ ମାଟିରେ ମା'ଙ୍କ ପୂର୍ଣ୍ଣ ଉପସ୍ଥିତି ଓ ତାଙ୍କ ପାଦ ସ୍ପର୍ଶରେ ଜଗତରୁ ମିଥ୍ୟା, ଅଜ୍ଞାନତା, ଦୁଃଖ ଯନ୍ତ୍ରଣାର ବିଲୋପ, ତାଙ୍କ ଇଙ୍ଗିତରେ ବିରୋଧୀ ଶକ୍ତି କବଳରୁ ଏ ପାର୍ଥିବ ଜଗତ ମୁକ୍ତ ହେବାର ନିଶ୍ଚୟତା। ସୁକ୍ଷ୍ମ ଜଗତରେ ଏହି ବିଜୟ ହୋଇ ସାରିଛି, ସେଥିପାଇଁ ମା' ଏହି ଦିବସକୁ ବିରୋଧୀଶକ୍ତି ଉପରେ ପୂର୍ଣ୍ଣ ବିଜୟର ଦିବସ ବୋଲି କହିଛନ୍ତି ବୋଲି ଇଂ ଶ୍ରୀ ସେଠୀ କହିଥିଲେ। ଶେଷରେ ଆଧ୍ୟାତ୍ମିକ ପତାକା ଅବତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁଦାମ ବେହେରା, ପ୍ରେମଲତା ସେଠୀ, ନବକିଶୋର ପାତ୍ର, ବିନୋଦିନୀ ସୟ, କେଶବ ପାତ୍ର, ହରେକୃଷ୍ଣ ମହାନ୍ତ, ଅନିତା ସେଠୀ ସହଯୋଗ କରିଥିଲେ।

## ବାରିପଦା-କୋଲକାତା ଓ ବାରିପଦା-ପୁରୀ ରେଳ ସଂଯୋଗ ଦାବି

# 'ଲୋକଙ୍କୁ ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସୁଯୋଗ ମିଳିବ'

ବାରିପଦା, ୨୫।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ସମଗ୍ର ବିକାଶ ପାଇଁ ବାରିପଦା- କୋଲକାତା ଓ ବାରିପଦା-ପୁରୀ ରେଳ ସଂଯୋଗକୁ ଆହୁରି ମଜବୁତ କରିବା ଅତ୍ୟନ୍ତ ଜରୁରୀ ବୋଲି ବିଜେଡିର ରାଜ୍ୟ ପ୍ରବକ୍ତା ପ୍ରିୟବ୍ରତ ମାଝି ଦାବି କରିଛନ୍ତି। ସହଜ, ଶସ୍ତା ଓ ନିୟମିତ ରେଳ ସେବା ମାଧ୍ୟମରେ ଲୋକଙ୍କୁ ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟଟନ କ୍ଷେତ୍ରରେ ନୂତନ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ନିୟମିତ ଟ୍ରେନ୍ ସେବା ମାଧ୍ୟମରେ କୃଷି ଉତ୍ପାଦ ଓ ସ୍ଥାନୀୟ ହସ୍ତଶିଳ୍ପ ସାମଗ୍ରୀ ବଡ଼ ବଜାରକୁ ଶୀଘ୍ର ପଠାଇବା ସମ୍ଭବ ହେବ। ଏହା କୃଷକ, କାରିଗର ଓ ଛୋଟ ବ୍ୟବସାୟୀଙ୍କ ଆୟ ବୃଦ୍ଧି କରିବ। କୋଲକାତାର ହାୱଡା ଓ ଶାଲିମାର ଭଳି ଔଦ୍ୟୋଗିକ କେନ୍ଦ୍ର ସହ ସୁଦୃଢ଼ ସଂଯୋଗ ଅଞ୍ଚଳରେ ନୂତନ ବିନିଯୋଗ ଆକର୍ଷଣ କରିବ



ଓ ଆଞ୍ଚଳିକ ଆର୍ଥିକ ଏକୀକରଣକୁ ପ୍ରୋତ୍ସାହିତ କରିବ। ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ସଂଯୋଗ ମାଧ୍ୟମରେ ନାମକରା ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସହଜ ପ୍ରବେଶ ସମ୍ଭବ ହେବ। ରୋଗୀଙ୍କ ପାଇଁ କୋଲକାତାର ଉନ୍ନତ ଚିକିତ୍ସା ସୁବିଧାରେ ତ୍ୱରିତ ପହଞ୍ଚ ସମ୍ଭବ ହୋଇ ଜରୁରୀ ମୁହୂର୍ତ୍ତରେ ଜୀବନ ରକ୍ଷା କରିପାରିବ।

ବାରିପଦା-ପୁରୀ ସଂଯୋଗ ସୁଦୃଢ଼ ହେଲେ ଧାର୍ମିକ ପର୍ଯ୍ୟଟନ ବୃଦ୍ଧି ପାଇବ। ବିଶେଷକରି ରଥଯାତ୍ରା ସମୟରେ ହଜାର ହଜାର ଭକ୍ତ ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିପାରିବେ ଓ ଏହା ସ୍ଥାନୀୟ ଅର୍ଥନୀତିକୁ ମଜବୁତ କରିବ। ଏହି ଦାବି ମଧ୍ୟରେ ସେ ଶିମିପାଳ ଏକ୍ସପ୍ରେସ୍ ( ଟ୍ରେନ ନଂ ୧୮୦୦୭/୧୮୦୦୮)କୁ ଦୈନିକ ସେବାରେ ପରିଣତ କରି ଆଧୁନିକ ଏଲ୍‌ଏଚ୍‌ବି କୋଚ୍ ଯୋଡ଼ିବା, ବାରିପଦା-ପୁରୀ ଟ୍ରେନ୍ (ଟ୍ରେନ ନଂ ୧୮୦୧୭/୧୮୦୧୮)କୁ ଦୈନିକ ସେବାରେ ରୂପାନ୍ତରିତ କରିବା ଓ ଯାତ୍ରୀ ସୁବିଧା ପାଇଁ ଏସି କୋଚ୍ ଯୋଡ଼ିବା ଦାବି କରିଛନ୍ତି। ଏକ ମଜବୁତ ରେଳ ନେଟୱର୍କ କେବଳ ଏକ ସୁବିଧା ନୁହେଁ, ଏହା ଅନ୍ତର୍ଭୁକ୍ତିମୂଳକ ବିକାଶ ଓ ଆଞ୍ଚଳିକ ଉନ୍ନୟନ ପାଇଁ ଏକ ଅନିବାର୍ଯ୍ୟ ଆବଶ୍ୟକତା ବୋଲି ସ୍ଥାନୀୟ ଜନସାଧାରଣଙ୍କ ଦାବିକୁ ସେ ଦଳ ପକ୍ଷରୁ ପରିପ୍ରକାଶ କରିଛନ୍ତି।

## ବଦଳିଲେ ଶିମିଳିପାଳ ଉତ୍ତର ଉପନିର୍ଦ୍ଦେଶକ

ରାଇରଙ୍ଗପୁର, ୨୫।୪(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ଉପନିର୍ଦ୍ଦେଶକ ପ୍ରଶାନ୍ତ ପଟେଲଙ୍କ ଅନ୍ୟତ୍ର ବଦଳି ହୋଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆଇଏଫଏସ ସ୍ତରରେ ବଦଳି କରାଯାଇଛି। ଏହି କ୍ରମରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ବନଖଣ୍ଡ ନୂତନ ଉପନିର୍ଦ୍ଦେଶକ ଭାବେ ରମେଶ କୁମାରଙ୍କୁ ନିଯୁକ୍ତ କରାଯାଇଛି। ସେ ପୂର୍ବରୁ କଳାହାଣ୍ଡି ଉତ୍ତର ବନଖଣ୍ଡ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କୁ ନୂତନ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ଶ୍ରୀ ପଟେଲଙ୍କୁ ଜୟପୁର ଡିଏଫଓ ଭାବେ ବଦଳି କରାଯାଇଛି।

## ଉଦଳାରେ ପଞ୍ଚାୟତିରାଜ ଦିବସ



ଉଦଳା, ୨୫।୪ (ସମିସ): ଆଜି ଉଦଳା ବ୍ଲକ କନଫରେନ୍ସ ହଲରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ କପ୍ତିପଦା ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ବିଧାୟକ ଭାସ୍କର ମଢେଇ, ଏନ୍‌ଏସି ନିର୍ବାହୀ ଯନ୍ତ୍ରୀ ପ୍ରିୟରଞ୍ଜନ ଜେନା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଉଦଳା ବିଡିଓ ସମରଜିତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ସମସ୍ତ କାର୍ଯ୍ୟକର୍ତ୍ତା ଓ ସମସ୍ତ ୧୨ଟି ପଞ୍ଚାୟତର ପିଆରଆଇ ମେମ୍ବର ଉପସ୍ଥିତ ଥିଲେ। ଶେଷରେ ବ୍ଲକର ସମସ୍ତ କ୍ଷେତ୍ରରେ ଭଲ କାର୍ଯ୍ୟ କରିଥିବା କାର୍ଯ୍ୟକର୍ତ୍ତାଙ୍କୁ ପୁରସ୍କୃତ କରାଯାଇଥିଲା।

## ଶୁକ୍ଳି ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ

କରଞ୍ଜିଆ/ଶୁକ୍ଳି, ୨୫।୪(ସମିସ): ଶୁକ୍ଳି ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ଖିଚିଂ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା କବିତା ନାୟକ, ବିଡିଓ ସତ୍ୟାନନ୍ଦ ନାଏକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ ଜନପ୍ରତିନିଧି ଯୋଗଦେଇଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱ ଓ ଗ୍ରାମୀଣ ଉନ୍ନୟନରେ ଏହାର ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମ ସ୍ତରରେ ଲୋକତନ୍ତ୍ରକୁ ସଶକ୍ତ କରିବାରେ ମୂଳ ଭୂମିକା ଗ୍ରହଣ କରୁଛି। ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଫଳତାର ସହ ଅନୁଷ୍ଠିତ ହେଉଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ସଫଳ ସ୍ୱୟଂସହାୟକ ଗୋଷ୍ଠୀ ଓ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସମସ୍ତେ ଗ୍ରାମର ଉନ୍ନତି ପାଇଁ ଏକତ୍ର ହୋଇ କାମ କରିବାକୁ ସଂକଳ୍ପ ନେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ

ବାରିପଦା, ୨୫।୪(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବିଜୟ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡା. ଦାଶ ସମସ୍ତ ଜ୍ୱର ରୋଗୀଙ୍କୁ ସଠିକ ସମୟରେ ରକ୍ତ ପରୀକ୍ଷା କରିବା, ମଶାରୀ ଟାଙ୍ଗି ଶୋଇବା ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଘରକୁ ଘର ବୁଲି ଜ୍ୱର ରୋଗୀଙ୍କ ମେଲେରିଆ ରକ୍ତ ପରୀକ୍ଷା, ମେଲେରିଆ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରିବାକୁ ପଦକ୍ଷେପ ନେବା ସହ ସଠିକ ଭାବେ କୀଟନାଶକ ସିଞ୍ଚନ କରିବା, ଦୁର୍ଗମ ଅଞ୍ଚଳରେ ମେଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଭଲ ଭାବେ ରୂପାୟନ କରିବା ଉପରେ ପରାମର୍ଶ ଦେଇଥିଲେ। ଏ ଅବସରରେ ବିଶ୍ୱ ମେଲେରିଆ ଦିବସର ଶପଥ ପାଠ ହୋଇଥିଲା। ଉକ୍ତ ସଭାରେ ଏଏନ୍‌ଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଜିଲ୍ଲା ଭେକ୍ଟୋର ବାହିତ ରୋଗ ପରାମର୍ଶଦାତା ତପନ ସାହୁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି, ଗୋପବନ୍ଧୁ ଗିରି (ଏଫଏଲଏ), ଏଏନଏମଟିସି ଟ୍ୟୁଟର୍ ଅନୀତା ଦାସ, ଫାଇଲେରିଆ ପରିଦର୍ଶକ ଦୁର୍ଗାପ୍ରସାଦ ଦାସ ଓ ବଳରାମ ବେହେରା ଅଂଶଗ୍ରହଣ କରିଥିଲେ।

## ହୋପ୍ସ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଓ ରକ୍ତଦାତା ପଞ୍ଜୀକରଣ ଶିବିର




ବାରିପଦା, ୨୫।୪(ସମିସ): ହୋପ୍ସ ଟ୍ରଷ୍ଟ ପକ୍ଷରୁ ଏକ ରକ୍ତଦାନ ଓ ରକ୍ତଦାତା ପଞ୍ଜୀକରଣ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ଶିବିରରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହେବା ସହିତ ବିଭିନ୍ନ ବ୍ଲଡ୍ ଗ୍ରୁପର ୯୫ ଜଣ ରକ୍ତଦାତାଙ୍କୁ ପଞ୍ଜୀକରଣ କରାଯାଇଛି। ଯାହା ଭବିଷ୍ୟତରେ ଆବଶ୍ୟକତା ସମୟରେ ଅନେକ ଜୀବନ ରକ୍ଷାରେ ସାହାଯ୍ୟ କରିବ। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଶିବିର ଉଦଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଓ ସାମାଜିକ ଦାୟିତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ। ୨୫ନଂ ୱାର୍ଡ଼ କାଉନ୍ସିଲର ଦେବାଶିଷ ପାତ୍ର, ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ, ରେଡକ୍ରସର ଆଜୀବନ ସଦସ୍ୟ ଅମର କୁମାର ସେଠୀ ଓ ସମାଜସେବୀ ସୋମନାଥ ସିଂହ ଓ ଦେବବ୍ରତ ସାମଲ ଯୋଗ ଦେଇଥିଲେ। ହୋପ୍ସ ଟ୍ରଷ୍ଟର ଚେୟାରପର୍ସନ୍ ତାପସ ନାୟକଙ୍କ ନେତୃତ୍ୱରେ ଶିବିର ପରିଚାଳିତ ହୋଇଥିବାବେଳେ ମ୍ୟାନେଜିଂ ଟ୍ରଷ୍ଟି ଜୟଶ୍ରୀ ଜେନା, ଟ୍ରଷ୍ଟି ରାଜେଶ ନାୟକ, ସୁବ୍ରତ ଜେନା ଓ ଦୀପଙ୍କର ପରିଡ଼ା ସହଯୋଗ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ସବୁଜ କ୍ୟାମ୍ପସ ଓ ଉଦ୍ୟୋଗିକତା ଅଧିବେଶନ

ବାରିପଦା, ୨୫।୪(ସମିସ):ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟରେ ପିଏମ-ଉଷା ପ୍ରାୟୋଜିତ ଏକଦିବସୀୟ ଏମଏସସିବିୟୁ କନେକ୍ଟ ଅଧିବେଶନ ଆୟୋଜିତ ହୋଇଯାଇଛି। 'ସ୍ୱପ୍ନ ଦେଖନ୍ତୁ, ନିର୍ମାଣ କରନ୍ତୁ, ଅନୁପ୍ରାଣିତ କରନ୍ତୁ: ସବୁଜ କ୍ୟାମ୍ପସରୁ ଉଦ୍ୟୋଗିକ ଯାତ୍ରା ପର୍ଯ୍ୟନ୍ତ' ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା। ଏହି ଅଧିବେଶନରେ ବିଶିଷ୍ଟ ବକ୍ତାମାନେ ଉପସ୍ଥିତ ରହି ଶୈକ୍ଷିକ ପରିବେଶ ଓ ବାସ୍ତବ ଦୁନିଆର ବୈଜ୍ଞାନିକ ଉଦ୍ୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିଥିଲେ। କାର୍ଯ୍ୟକ୍ରମର ଆବାହିକା ଡ. କୁକୁ ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏକ ସବୁଜ କ୍ୟାମ୍ପସର ବିକାଶ, ସ୍ଥାୟୀତ୍ୱ ଓ ମହତ୍ତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ରସାୟନ ବିଜ୍ଞାନୀ ଡ. ଶେଷ କିଷାନ ଏକ ଦୂରଦୃଷ୍ଟିର ନିର୍ମାଣ: ଲାବ୍ରୋଟୋରୀରୁ ବଜାର ପର୍ଯ୍ୟନ୍ତ ବିଷୟ ଉପରେ ତାଙ୍କର ବ୍ୟାବହାରିକ ଓ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ଶୈକ୍ଷିକ ଭିତ୍ତିଭୂମି ଓ ବୈଜ୍ଞାନିକ ଗବେଷଣାକୁ ସଫଳତାର ସହିତ ପ୍ରଭାବଶାଳୀ, ବାସ୍ତବିକ ବ୍ୟାବସାୟିକ ସମାଧାନରେ ପରିଣତ କରାଯାଇପାରିବ




ବୋଲି କହିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମଏସସିବି ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ମହାବିଦ୍ୟାଳୟର ଅଧ୍ୟାପକ, ଛାତ୍ରଛାତ୍ରୀ ଓ ଗବେଷକ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ପିଏମ-ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକଙ୍କୁ କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଓଡ଼ିଆ ପ୍ରିନିୟର ୩.୦ ହାକାଥନରେ ମୟୂରଭଞ୍ଜ ଛାତ୍ରଛାତ୍ରୀଙ୍କ କମାଲ

ବାରିପଦା, ୨୫।୪(ସମିସ): ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ବାରିପଦାସ୍ଥ ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଷ୍ଟାର୍ସ ପ୍ରୋଗ୍ରାମ ଅଧୀନରେ ଜିଲ୍ଲାସ୍ତରୀୟ ଓଡ଼ିଆ ପ୍ରିନିୟର- ଏ ସ୍ମାର୍ଟ ଓଡ଼ିଶା ହାକାଥନ ୩.୦ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱର ଦ୍ୱାରା ମନୋନୀତ ୨୧ଟି ଅଭିନବ ପ୍ରକଳ୍ପକୁ ନେଇ ଛାତ୍ରଛାତ୍ରୀ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଆଇଆଇଟି ଭୁବନେଶ୍ୱର ତରଫରୁ ଇଞ୍ଜିନିୟର ସୌମ୍ୟରଞ୍ଜନ ମିଶ୍ର, ବାଜାରସାଇଡ୍ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ପୀତାମ୍ବର ସାହୁ ଓ ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସର ସଭାପତି ରୋଟାରିଆନ୍ ନିରଜ କୁମାର ପାଣ୍ଡା ପ୍ରକଳ୍ପର ମୂଲ୍ୟାୟନ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ରୂପେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଉତ୍ତର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ, ମୟୁରଭଞ୍ଜର ଡେପୁଟି ସେକ୍ରେଟାରୀ ରାଜେଶ ପ୍ରଧାନ, ମୁଖ୍ୟବକ୍ତା ରୂପେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର




ଏମ୍‌ସିଏ ବିଭାଗୀୟ ମୁଖ୍ୟ ପ୍ରଫେସର ଏମ୍. ହେମାବିନ୍ଦୁ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ମିନାକ୍ଷୀ ମହାନ୍ତି ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ସଂଯୋଜନା କରିଥିବାବେଳେ ରାଇରଙ୍ଗପୁର ସରକାରୀ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଓଏଭି ଗରୁଡ଼ବସା ଛାତ୍ରୀ ଦିବ୍ୟାଂଶୀ ଦାଶ ଓ ଟିମ୍‌ଙ୍କ ଅଲ୍-ଚାଟବୋଟ୍ ପ୍ରକଳ୍ପ, ଓଏଭି ସାନଶୋଳର ତନ୍ମୟ ପୋଥାଲଙ୍କ ଅଟୋ ଗ୍ରୀଡ଼ ଏକ୍ସ ପ୍ରକଳ୍ପ ଓ ଓଏଭି ଚାନ୍ଦୁଆର ଜୟନ୍ତ କୁମାର ମହାନ୍ତଙ୍କ ପୋଲ୍ଟ ଏକ୍ସ-ଏକାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ମାନପତ୍ର ଓ ନଗଦ ପୁରସ୍କାର ରାଶି ୨୦, ୦୦୦, ୧୫, ୦୦୦ ଓ ୧୦, ୦୦୦ ଟଙ୍କା ଗ୍ରହଣ କରିଥିଲେ। ଏହାବ୍ୟତୀତ ଓଏଭି ଗରୁଡ଼ବସାର ଜ୍ୟୋତି କୁମାରୀ ସାହୁଙ୍କ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରକଳ୍ପ ଓ ସିପି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସୋନାଲି ପାତ୍ରଙ୍କ କାଇ ପିମ୍ପୁଡ଼ି ପ୍ରକଳ୍ପ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲା। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ମନୋନୀତ ହୋଇଥିବା ଶ୍ରେଷ୍ଠ ପ୍ରକଳ୍ପ ରାଜ୍ୟସ୍ତରୀୟ ହାକାଥନରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିନିଧିତ୍ୱ କରିବେ ବୋଲି ଘୋଷଣା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରଦର୍ଶନୀରେ ଶିକ୍ଷକ ମନୋଜ ପାତ୍ର, ମନୋଜ କୁମାର ପରିଡ଼ା, ଅଜିତ କୁମାର ମହାନ୍ତି, ଭୀଷ୍ମଦେବ ମହାନ୍ତ, ବସନ୍ତ କୁମାର ଦତ୍ତ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ମୌସୁମୀ ଦୀକ୍ଷିତ ଓ ଦେବଦର୍ଶୀ ପ୍ରସାଦ କର, କନିଷ୍ଠ ସହାୟକଙ୍କ ସମେତ ଉକ୍ତ ମହାବିଦ୍ୟାଳୟର ସମସ୍ତ ଅଧ୍ୟକ୍ଷ ଓ ଅଧ୍ୟାପିକା, ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ୨୮ ରେ ମୁଖ୍ୟମନ୍ତ୍ରୀଙ୍କ ଯୋଡ଼ା ଗସ୍ତ; ପ୍ରସ୍ତୁତି ଜୋର୍‌ଦାର



ଯୋଡ଼ା, ୨୫।୪(ସମିସ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୮ ତାରିଖରେ ଯୋଡ଼ା ଆସୁଛନ୍ତି। ୬୦ ଏକର ପରିମିତ ଜମିରେ ଏକ ଗ୍ରୀଡ ଷ୍ଟେସନର ଭିତ୍ତିଭୂମି ସ୍ଥାପନା ନିମନ୍ତେ ଶ୍ରୀ ମାଝୀ ଯୋଡ଼ା ବ୍ଲକ ପଲସା ପଞ୍ଚାୟତ ଉଛବାଲି ଗ୍ରାମକୁ ଗସ୍ତ କରିବା ସହ ସଭାରେ ଜନସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଦଳୀୟ କାର୍ଯ୍ୟକର୍ତାଙ୍କ ପକ୍ଷରୁ ଏନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳରେ ମଞ୍ଚ ନିର୍ମାଣ କାମ ଜୋରଦାର ଚାଲିଛି। ପାନୀୟଜଳ, ଶୌଚାଳୟ, ଚିକିତ୍ସା ସୁବିଧା ଓ ଜରୁରିକାଳୀନ ସେବା ପାଇଁ ଅଲଗା ଟିମ୍ ନିଯୁକ୍ତ ହୋଇଛନ୍ତି। ଏହା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ହୋଇଥିବା ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ବିଭିନ୍ନ ଦିଗରେ ଆଲୋଚନା ହୋଇଛି। ବିଜେପି ନେତା ସରୋଜ ମହାନ୍ତ, ଉଚ୍ଚ୍‌ବାଲି, ଜଜାଙ୍ଗ, ଜଗରନାଥପୁର, ନୋମ୍ବିରା ଏବଂ ଜମୁନାପୋଷି ଅଞ୍ଚଳର ନେତାମାନେ କର୍ମୀମାନଙ୍କୁ ଅଧିକ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଶେଷ ପୁଲିସ ବଳ, ଟ୍ରାଫିକ ପୁଲିସ ଓ କ୍ୟୁଆରଟି ଟିମ୍ ନିଯୁକ୍ତ ହୋଇଥିବାବେଳେ, ସଭାସ୍ଥଳୀ ଓ ଚାରିପଟେ ସିସିଟିଭି କ୍ୟାମେରା ଲଗାଯିବା ନେଇ ପୁଲିସ ପକ୍ଷରୁ କୁହାଯାଇଛି। ଯାତାୟାତ ବ୍ୟବସ୍ଥାପନ ପାଇଁ ବିଶେଷ ଟ୍ରାଫିକ ପ୍ଲାନ୍ ପ୍ରସ୍ତୁତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଯାତ୍ରା ପଥରେ ରାସ୍ତା ମରାମତି, ଆଲୋକ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ କାମ ତ୍ୱରାନ୍ୱିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଅବତରଣ ପାଇଁ ହେଲିପ୍ୟାଡ୍ ପ୍ରସ୍ତୁତି ଚାଲିଛି।

## ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର



ତୁରୁମୁଙ୍ଗା, ୨୫।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେନ୍ଦେଇପଶି ମଣ୍ଡଳର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଶନିବାର ତୁରୁମୁଙ୍ଗା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବରେ ଶୁଭାରମ୍ଭ କରିଥିଲେ। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ, କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। କେନ୍ଦେଇପଶି ମଣ୍ଡଳ ସଭାପତି ଜୁଲିଅସ ସିଂ ସଭାପତିତ୍ୱ କରିଥିବା ବେଳେ ବିଜେପିର ବରିଷ୍ଠ ନେତା ବିପିନ ମହାନ୍ତ ପ୍ରଶିକ୍ଷଣ ଶିବିର ସଞ୍ଚାଳନ କରିଥିଲେ। ରଜନୀକାନ୍ତ ମିଶ୍ର, ବ୍ରଜବନ୍ଧୁ ସାହୁ, ହୃଷୀକେଶ ସାହୁ, ଦିଲୀପ ନାୟକ, ହରିହର ମହାନ୍ତ, ମିତ୍ରଭାନୁ ମହାନ୍ତ, ପ୍ରିୟରଞ୍ଜନ ସିଂହ, ମଣିଭୂଷଣ ବାରିକ, କଲ୍ୟାଣ ମହାନ୍ତ, ତପନ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

### ଅମୃତ ସରୋବର ଯୋଜନାରେ ଅନିୟମିତତା ଅଭିଯୋଗ

# ସଇତପୁରରେ ମେସିନ୍ କରୁଛି କାମ; ଶ୍ରମିକଙ୍କୁ ଅଣଦେଖା

ବେତନଟୀ,୨୫।୪(ସମିସ):

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ) ଅଧୀନରେ ଚାଲିଥିବା ଅମୃତ ସରୋବର 'ବଡ ପୋଖରୀ' ପଙ୍କ ଉଦ୍ଧାର କାମକୁ ନେଇ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ସଇତପୁର ପଞ୍ଚାୟତରେ ଗୁରୁତର ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକ କାମର ମାନ, ନିୟମ ଉଲ୍ଲଂଘନ ଓ ଅର୍ଥ ବ୍ୟବହାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଫଳକରେ ଦର୍ଶାଯାଇଥିବା କାମର ବିବରଣୀ ଓ ଗ୍ରାଉଣ୍ଡ ଜିରୋରେ ହୋଇଥିବା କାମ ମଧ୍ୟରେ ତାଳମେଳ ନ ଥିବାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯେଉଁଠାରେ ଯୋଜନାର ମୂଳ ଲକ୍ଷ୍ୟ ଗ୍ରାମୀଣ ଶ୍ରମିକଙ୍କ ପାଇଁ କାର୍ଯ୍ୟ ଦିବସ ସୃଷ୍ଟି କରିବା, ସେଠାରେ ମେସିନ ବ୍ୟବହାର ହେଉଥିବା ଅଭିଯୋଗ ଆସିଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଜେସିବି ମେସିନ ଓ ଟ୍ରାକ୍ଟର ଲଗାଇ ପୋଖରୀ ଖୋଳା କାମ କରାଯାଉଛି। ଫଳରେ ଦିନମଜୁରି ଉପରେ ନିର୍ଭର



କରୁଥିବା ଗରିବ ଶ୍ରମିକ କାମରୁ ବଞ୍ଚିତ ହେଉଛନ୍ତି। ଏଥିସହିତ କାମ ଅଧାରେ ଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ବିଲ୍ ଉଠାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମବାସୀ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହି ପୋଖରୀର ଉନ୍ନତିକରଣ କାମ କରାଯାଇଥିଲା। କିନ୍ତୁ ସେଥିରେ ମଧ୍ୟ ମେସିନ ବ୍ୟବହାର ହୋଇଥିଲା ଓ କାମ ଅସମ୍ପୂର୍ଣ୍ଣ ରହିଥିବା ସତ୍ତ୍ୱେ ବିଲ୍ ଉଠାଯାଇଥିଲା। ବର୍ତ୍ତମାନ ସେହି କାମକୁ ନୂତନ ନାମ ପଙ୍କ ଉଦ୍ଧାର (ଦ୍ୱିତୀୟ ପର୍ଯ୍ୟାୟ) ଭାବେ ପୁଣି ଦେଖାଇ ସରକାରୀ ଅର୍ଥ ବ୍ୟୟ ହେଉଥିବା ଅଭିଯୋଗ ଉଠିଛି। ଏହାର ପ୍ରଭାବ ଗ୍ରାଉଣ୍ଡ ଜିରୋରେ ମଧ୍ୟ ଦେଖିବାକୁ ମିଳୁଛି। ଗ୍ରୀଷ୍ମଋତୁ ଆରମ୍ଭ ପୂର୍ବରୁ ହିଁ ପୋଖରୀ ପାଣି ଶୁଖିଯାଉଥିବାରୁ ଏହା ଗ୍ରାମବାସୀଙ୍କ ପାଣିର ଆବଶ୍ୟକତା କିମ୍ବା ଗୃହପାଳିତ ପଶୁଙ୍କ ପାଣିର ଆବଶ୍ୟକତା ପୂରଣ କରିପାରୁନାହିଁ। ଫଳରେ ସରକାରଙ୍କ ଜଳ ସଂରକ୍ଷଣ ଓ ଗ୍ରାମୀଣ ଉନ୍ନତି ଲକ୍ଷ୍ୟ ପ୍ରାପ୍ତି ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ସ୍ତରରେ କେତେକ ଅଧିକାରୀ ଓ ଜନପ୍ରତିନିଧିଙ୍କ ମିଳିତ ଭୂମିକା ନେଇ ମଧ୍ୟ ଅଭିଯୋଗ ହେଉଛି। ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ), ଜୁନିୟର ଇଞ୍ଜିନିୟର (ଜେଇ) ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର (ଏଏଇ) ସହ ବ୍ଲକ ପ୍ରଶାସନଙ୍କ ଭୂମିକା ଉପରେ ସନ୍ଦେହ ପ୍ରକାଶ କରାଯାଉଛି। କେତେକ ସ୍ଥାନୀୟ ପ୍ରଭାବଶାଳୀ ବ୍ୟକ୍ତି ଓ ଠିକାଦାରଙ୍କୁ ଲାଭ ପହଞ୍ଚାଇବା ପାଇଁ ନିୟମକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ସଇତପୁର ପଞ୍ଚାୟତରେ ଅମୃତ ସରୋବର କାମକୁ ନେଇ ଉଠିଥିବା ଏହି ଅଭିଯୋଗ ଗ୍ରାମାଞ୍ଚଳର ଉନ୍ନତିମୂଳକ ଯୋଜନାର କାର୍ଯ୍ୟ ସମ୍ପାଦନା ଉପରେ ପ୍ରଶ୍ନ ଉଠାଇଛି। ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ସମ୍ପୃକ୍ତ ବିଭାଗ ଶୀଘ୍ର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଦାବି ଜୋର ଧରିଛି। ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଶମ୍ଭୁନାଥ ସେଠୀଙ୍କୁ ପଚାରିବାରୁ ମୁଁ ସରପଞ୍ଚଙ୍କୁ କହି ଦେଇଛି। ସେ ବେତନଟୀ ଗଲେ ଆପଣଙ୍କୁ ଦେଖା କରି କଥା ହେବେ ବୋଲି କହିଥିଲେ। ଜୁନିୟର ଇଞ୍ଜିନିୟର (ଜେଇ) ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ମୁଁ ୫/୬ ଟି ପଞ୍ଚାୟତ ଦାୟିତ୍ୱରେ ଅଛି। ତେଣୁ ସବୁ କଥା ମୁଁ ବୁଝିପାରୁନି। ଆପଣ ପିଇଓ କିମ୍ବା ସରପଞ୍ଚଙ୍କୁ ପଚାରି ବୁଝି ନିଅନ୍ତୁ ବୋଲି କହିଛନ୍ତି।

## ଶୁଳିଆପଦା ବ୍ଲକରେ ଜାତୀୟ ପଞ୍ଚାୟତିରାଜ ଦିବସ

ଶୁଳିଆପଦା,୨୫।୪(ସମିସ): ଶୁଳିଆପଦା ପଞ୍ଚାୟତ ସମିତି କାର୍ଯ୍ୟାଳୟର ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ର ରାଜ୍ୟସ୍ତରୀୟ ସମାରୋହ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶୁଳିଆପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝୀ, ତହସିଲଦାର ନାରାୟଣ ହେମ୍ବ୍ରମ, ଚେୟାରମ୍ୟାନ ପାନମଣି ମାରାଣ୍ଡି, ଭାଇସ ଚେୟାରମ୍ୟାନ ଜ୍ୟୋତିଲାଲ ବାରିକ, ଜିଲ୍ଲା ପରିଷଦ ସଭ୍ୟ ନଗେନ୍ଦ୍ର ନାଥ କିସ୍କୁ ଓ ସାଂସଦଙ୍କ ପ୍ରତିନିଧି ଭାଗବତ ମାର୍ଣ୍ଡିଙ୍କ ସହ ସମସ୍ତ ସରପଞ୍ଚ, ସମିତି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।



ଏ ଅବସରରେ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନିତ କରାଯିବା ସହ ଶୁଳିଆପଦା ବ୍ଲକର ୧୬ ପଞ୍ଚାୟତର ପ୍ରାୟ ୧୩୦ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଦୀପାଲି ଧଳ ଓ ଲକ୍ଷ୍ମୀମଣି ସିଙ୍କୁ ଆବାସ ଗୃହ ଧାର୍ଯ୍ୟ ସମୟରେ ସମ୍ପନ୍ନ ପାଇଁ ସମ୍ମାନିତ କରାଯିବା ସହ ନୂତନ ଭତ୍ତା ଓ ରେସନ କାର୍ଡ ବଣ୍ଟନ କରାଯାଇଥିଲା। ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତ ଅଧିକାରୀ ସହଯୋଗ କରିଥିଲେ। ପଞ୍ଚାୟତ ଓ ବ୍ଲକ୍‌ର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

## ଠାକୁରମୁଣ୍ଡାରେ ପଞ୍ଚାୟତିରାଜ ଦିବସ

ଠାକୁରମୁଣ୍ଡା,୨୫।୪ (ସମିସ): ଠାକୁରମୁଣ୍ଡା ବ୍ଲକ୍‌ସ୍ତରୀୟ ଓ ପଞ୍ଚାୟତରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଠାକୁରମୁଣ୍ଡା ବ୍ଲକ ଅଧୀନ ୧୮ଟି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୱାର୍ଡ ସଭ୍ୟ, ପଞ୍ଚାୟତବାସୀଙ୍କ ଉପସ୍ଥିତରେ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଥିଲା। ଏ ଅବସରରେ ପଞ୍ଚାୟତରେ ଗ୍ରାମ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ବ୍ଲକ ପରିସରରେ ସନ୍ଧ୍ୟା ୬ଟାରେ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶତାଧିକ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବଲାଙ୍ଗୀରରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଆଭାସୀ ମାଧ୍ୟମରେ ବ୍ଲକ ପରିସରରେ ଉପସ୍ଥିତ ଲୋକଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଏ ଅବସରରେ ଠାକୁରମୁଣ୍ଡା ବ୍ଲକ୍‌ରେ ଅନ୍ତ୍ୟୋଦୟ ଯୋଜନାରେ ଗୃହ ପାଇବାକୁ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ୩ ଜଣଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବିଡିଓ ସପନେଶ୍ୱର ବେହେରା, ସାଂସଦଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତ, ସରପଞ୍ଚ ମଳୟ ପରିମାଣିକ, ସୁଜିତ ଲୁଗୁନ, ଠାକୁରମୁଣ୍ଡା ବିଜେପି ମଣ୍ଡଳ ସଭାପତି ତ୍ରିନାଥ ମହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରଣଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

କୁଆମରା,୨୫।୪(ସମିସ): ଆଜି ସନ୍ଧ୍ୟାରେ ଉଦଳା-ବୈଶିଙ୍ଗା ରାସ୍ତାର ପୁରୁଣା ବାରିପଦାସ୍ଥ କନକ ଦୁର୍ଗା ମନ୍ଦିର ନିକଟରେ ଖୁଣ୍ଟା ଥାନା ନୂଆସାହି ଗ୍ରାମର କାଳିଆ ସିଂ (୩୮) ନାମକ ଜଣେ ଯୁବକ ଭାରସାମ୍ୟ ହରାଇ ବାଇକ୍‌ରୁ ରାସ୍ତା ତଳକୁ ଖସି ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କାଳିଆଙ୍କୁ ଗୁରୁତର ଅବସ୍ଥାରେ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି।

## ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରେ ବିଭ୍ରାଟ

# ବାହାରୁଛି କମ୍ ପରିମାଣର ଟଙ୍କା; ଗ୍ରାହକ ହନ୍ତସନ୍ତ

ଠାକୁରମୁଣ୍ଡା/ମହୁଲଡିହା,୨୫।୪(ସମିସ): ଠାକୁରମୁଣ୍ଡା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରେ ଟଙ୍କା ଉଠାଣରେ ବିଭ୍ରାଟ ଦେଖିବାକୁ ମିଳିଛି। ଟଙ୍କା ଉଠାଣ ପରେ ବାହାରୁଛି



କମ୍ ଟଙ୍କା। ଏଟିଏମ ଭିତରେ ରହିଯାଉଛି ଟଙ୍କା। ଏମିତି ଖବର ଆସିଛି ଠାକୁରମୁଣ୍ଡା-ଉଦଳା ରାସ୍ତାରେ ଥିବା ଟିଭିଏସ ସୋରୁମ ନିକଟରେ ଥିବା ଏଟିଏମରୁ। ଆଜି ଟଙ୍କା ଉଠାଣରେ ଗ୍ରାହକ ଉଠାଉଥିବା ନିର୍ଦ୍ଧାରିତ ଟଙ୍କା ବଦଳରେ ବାହାରୁଛି ଅଧେ କିମ୍ବା ଅଧେରୁ କମ୍ ପରିମାଣର ଟଙ୍କା। କିନ୍ତୁ ଏଟିଏମରେ ଉଠାଣ ପରିମାଣ ଗ୍ରାହକଙ୍କ ନିର୍ଦ୍ଧାରିତ ଟଙ୍କା ସୋ କରୁଥିବାବେଳେ ମୋବାଇଲକୁ ମଧ୍ୟ ନିର୍ଦ୍ଧାରିତ ପରିମାଣର ଟଙ୍କା ଉଠାଣ ହେଲା ବୋଲି ମେସେଜ ଆସିଛି।

ଶନିବାର ଦିନ ପ୍ରାୟ ୧୦.୩୦ ମିନିଟ୍ ସମୟରେ ନିକଟସ୍ଥ ଜାମୁନାଳିଆ ଗ୍ରାମର ବିଭୂତି ଭୂଷଣ ବାନ୍ଦିଆ ପ୍ରଥମେ ୫ ହଜାର ଟଙ୍କା ଉଠାଇବା ପାଇଁ ପିନ୍ ଭରିଥିଲେ। ଏଟିଏମ୍‌ରୁ ବାହାରିଲା ୧୦୦ ଟଙ୍କିଆ ନୋଟ୍ ୧୦ଟି ଅର୍ଥାତ୍ ମାତ୍ର ୧ ହଜାର ଟଙ୍କା। କିଛି ସମୟ ପରେ ଠାକୁରମୁଣ୍ଡା ବ୍ଲକର ପ୍ରତିଦିନ ଖବରକାଗଜର ସାମ୍ବାଦିକ ଶେଖ୍ ରାଜୁ ୬ ହଜାର ଟଙ୍କା ଉଠାଇବା ପାଇଁ ପିନ୍ ଭରିବା ପରେ ବାହାରିଥିଲା ମାତ୍ର ୧୨ ଶହ ଟଙ୍କା। ସେହିପରି ମାଳତୀ ହୋ ୯ ହଜାର ୫ ଶହ ଟଙ୍କାରୁ ୧୯ ଶହ ଟଙ୍କା, ରୂପାଇ ମୁର୍ମୁ ୧୦ ହଜାର ଟଙ୍କାରୁ ୧ ହଜାର ଟଙ୍କା ପାଇଥିଲେ। ଏପରି ଅନେକ ଗ୍ରାହକ ନିର୍ଦ୍ଧାରିତ ଟଙ୍କା ଠାରୁ କମ୍ ପରିମାଣର ଟଙ୍କା ପାଇଥିବାରୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ କିଛି ଗ୍ରାହକ ଗ୍ରାହକ ସେବା ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ଯାନ୍ତ୍ରିକ ତ୍ରୁଟି ପାଇଁ ଆମେ ଦୁଃଖିତ। ଆପଣ ଅଭିଯୋଗ ଦାଖଲ କରନ୍ତୁ। ଆପଣମାନେ ୫ଟି କାର୍ଯ୍ୟ ଦିବସ ଭିତରେ ବାକି ଟଙ୍କା ଆପଣଙ୍କ ଆକାଉଣ୍ଟକୁ ଆସିଯିବ ବୋଲି କହିଥିଲେ। ଯଦି ଟଙ୍କା ୫ ଦିନ ପରେ ଖାତାକୁ ଆସିବ, ବର୍ତ୍ତମାନ ଆମେ କ'ଣ କରିବୁ ବୋଲି ଗ୍ରାହକ କହିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି, ଯଦି ଏଟିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଥିଲା ତେବେ କୌଣସି ପରିମାଣର ଟଙ୍କା ଉଠାଣ ହୋଇପାରି ନ ଥା'ନ୍ତା। ଅଧେରୁ କମ୍ ପରିମାଣର ଟଙ୍କା ବାହାରୁଥିବାରୁ ଗ୍ରାହକ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। କୌଣସି ଅଭିଜ୍ଞତା ନ ଥିବା ଅଧିକାରୀଙ୍କ ଦ୍ୱାରା ଏଟିଏମ୍‌ରେ ଟଙ୍କା ଭରିବା ଏହାର ମୁଖ୍ୟ କାରଣ ବୋଲି ଆଲୋଚନା ହେଉଥିବାବେଳେ ଅଧିକାରୀ ୫ ଶହ ଟଙ୍କିଆ ନୋଟ୍ ଭରିବା ସ୍ଥାନରେ ଦାୟିତ୍ୱହୀନତାରେ ୧୦୦ ଟଙ୍କିଆ ନୋଟ୍ ଭରି ଦେଇଥିବା ଅନୁମାନ କରାଯାଉଛି। ଯଥାଶୀଘ୍ର ଏହାର ତଦନ୍ତ କରି ଗ୍ରାହକଙ୍କୁ ଅସୁବିଧାରେ ପକାଇଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ତାଙ୍କର ଏଟିଏମ୍‌ରୁ ବାହାରି ନ ଥିବା ଟଙ୍କା ଫେରସ୍ତ କରିବାକୁ କ୍ଷତିଗ୍ରସ୍ତ ଗ୍ରାହକ ଦାବି କରିଛନ୍ତି।

## ସ୍କୁଟିରୁ ଖସିପଡ଼ି ଶିଶୁ ମୃତ

ବାରିପଦା, ୨୫।୪(ସମିସ): ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରେ ଏକ ଘଟଣା ସମସ୍ତଙ୍କୁ ସ୍ତମ୍ଭିଭୂତ କରିଛି। ଜଗଦୀଶ ନାଏକ(୪୦) ନାମକ ଜଣେ ବ୍ୟକ୍ତି ଘର ପାଖ ସମ୍ପର୍କୀୟ ଦୁର୍ଗା ସିଂ ଓ ଅଞ୍ଜନା ସିଂଙ୍କ ପୁଅ ଦେବାଶିଷ (୭) ପୁତୁରାକୁ ବୁଲାଇବାକୁ ନିଜ ସ୍କୁଟିରେ ନେଇଥିବାବେଳେ ଦୁର୍ଘଟଣାରେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ଜଗଦୀଶ ଏତେ ନିଶାସକ୍ତ ଅବସ୍ଥାରେ ଥିଲେ ଯେ ସ୍କୁଟି ସହ ରାସ୍ତା ଉପରେ ଉଭୟ ପଡିଯାଇଥିଲେ। ଶିଶୁଟି କଚାଡ଼ି ହୋଇ ପଡିଯିବାରୁ ଗୁରୁତର ଆହାତ ହୋଇଥିଲା। ସମ୍ପର୍କୀୟ ଦାଦା ନିଶାସକ୍ତ ହୋଇ ନିଜେ ସେଠାରେ ପଡ଼ିଥିବାବେଳେ ଛୁଆକୁ ଉଦ୍ଧାର କରି ନ ଥିଲେ। ରାସ୍ତାରେ ଯାଉଥିବା ଲୋକେ ପରିବାରକୁ ଖବର ଦେବାରୁ ସେମାନେ ଆସି ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ବାଙ୍ଗିରିପୋଷି ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଜବତ କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଜଗଦୀଶଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଚିକିତ୍ସା କରାଇଛି।

## ମଧୁସୂଦନଙ୍କ ଜୟନ୍ତୀ ଉପଲକ୍ଷେ ଓକିଲ ସଂଘର ରକ୍ତଦାନ ଶିବିର



ବାରିପଦା, ୨୫।୪(ସମିସ): ଜିଲ୍ଲା ବାର ଆସୋସିଏସନ ପକ୍ଷରୁ ୨୮ ତାରିଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ହେବାକୁ ଥିବାବେଳେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଜଜ୍ ସୁଦୀପ୍ତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଜଜ (ଭିଜିଲାନ୍ସ) ପୂର୍ଣ୍ଣିମା ଜେନା, ଅତିରିକ୍ତ ଜିଲ୍ଲା ଜଜ (୨) ସୁମନ କୁମାର ମିଶ୍ର, ଫେମିଲି କୋର୍ଟ ଜଜ୍ ପ୍ରଜ୍ୟୋତି ରାଉତ, ଅତିରିକ୍ତ ଜଜ୍ (ପକ୍‌ସୋ କୋର୍ଟ) ଚିନ୍ମୟ ମିଶ୍ର, ସିଜେଏମ୍ ଦେବାଶିଷ ମହାନ୍ତି, ଅତିରିକ୍ତ ସେସନ ଜଜ ସ୍ମୃତିସ୍ନିଗ୍ଧା ଦାସ, ସିନିୟର ସିଭିଲ ଜଜ୍ ଶତରୁପା ଶତପଥୀ, ଅତିରିକ୍ତ ସିନିୟର ସିଭିଲ ଜଜ୍ ସୂର୍ଯ୍ୟ ଦାସ, ଅତିରିକ୍ତ ସିନିୟର ସିଭିଲ ଜଜ ଡଃ ନିଶାକର ସାହୁ, ଜେଏମଏଫ୍‌ସି ଲକ୍ଷ୍ମୀପ୍ରିୟା ସ୍ୱାଇଁ, ମଧୁସ୍ମିତା ମହାନ୍ତି, ନିଲିଶା ପଟ୍ଟନାୟକ, ଶୁଭ୍ରାଂଶୁ ଠାକୁର, ସ୍ୱସ୍ତିକ ଦାଶ, ଅର୍ପିତା ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନର ସଭାପତି ଜ୍ୟୋତିପ୍ରକାଶ ରଥ, ଉପସଭାପତି ସତ୍ୟବ୍ରତ ଦାଶ, ସମ୍ପାଦକ ବିପ୍ଳବ ବାରିକ, ସହସମ୍ପାଦକ ସ୍ୱରୂପ ମିଶ୍ର, ପଙ୍କଜ ମହାକୁଡ଼ ଓ କୃଷ୍ଣଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ସଦସ୍ୟ ଦେବରାଜ ମିଶ୍ର, ଗିରିଶ ମହାପାତ୍ର, ସ୍ୱପ୍ନା ମହାନ୍ତି, ଗୌତମ ରାୟ, ସୁସ୍ମିତା ଘୋଷାଲ, ବୈଜୟନ୍ତୀ ବାସ୍କେ, ମଧୁସ୍ମୃତି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବିଚାରପତି ସୁମନ କୁମାର ମିଶ୍ର, ଦେବାଶିଷ ମହାନ୍ତି ଓ ଡଃ ନିଶାକର ସାହୁଙ୍କ ସମେତ ୨୩ ଜଣ ରକ୍ତଦାନ କରିଥିଲେ। ସମାଜସେବୀ ଅମର ସେଠୀ, ସୋମନାଥ ସିଂହ, ଆଇନଜୀବୀ ଦୀପକ ମିଶ୍ର, ମଧୁସ୍ମିତା ନାୟକ ଓ ସୋନାଲି ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### କଳମଗଡ଼ିଆରେ ପ୍ରାକ୍ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

# ଚାଳିଆ ଘରେ ଚାଲିଛି ରଙ୍ଗାମାଟିଆ ଅଙ୍ଗନବାଡ଼ି କେନ୍ଦ୍ର

ଶରତ,୨୫।୪(ସମିସ):

କପ୍ତିପଦା ବ୍ଲକ ଅଧୀନ କଳମଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ୭ ନଂ ୱାର୍ଡରେ ୧୫ ବର୍ଷ ହେବ ଏକ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏହି ଅଙ୍ଗନବାଡି କେନ୍ଦ୍ର ଶାରୀଶୁଆ ପାହାଡ଼ ପାଦଦେଶର ରଙ୍ଗାମାଟିଆ ଗ୍ରାମରେ ଚାଲୁଛି। ଏହି ଗ୍ରାମରେ ୩୫ଟି ଆଦିବାସୀ ପରିବାର ବସବାସ କରୁଥିବାବେଳେ ଅଙ୍ଗନବାଡିରେ ୧୨ ଜଣ କୁନି କୁନି ପିଲା ପଢୁଛନ୍ତି। ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନ ଥିବାରୁ ଗ୍ରାମବାସୀ ତିଆରି କରିଥିବା ଏକ ଚାଳିଆ ଘରେ ଅତ୍ୟନ୍ତ ଦୟନୀୟ ଭାବେ ପିଲା ପାଠ ପଢୁଛନ୍ତି। ଏହି ଘରର ଚାରିପାଖର୍ ଚିରା ପାଲ ଦ୍ୱାରା ଘେରା ଯାଇଛି। ଏଠି ହିଁ ଗର୍ଭବତୀ ମହିଳାଙ୍କୁ ଅଣ୍ଡା, ଛତୁଆ ଓ ଲଡୁ



ପ୍ରଭୃତି ବଣ୍ଟାଯାଏ। ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଉଛି।

ନିକଟ ଅତୀତରେ ରାଜ୍ୟର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଓମ୍ବାଡସି ଫଣ୍ଡରୁ ହଜାର ହଜାର କୋଟି ଟଙ୍କା ବ୍ୟୟ ହୋଇଥିବାବେଳେ ଶରତ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ରଙ୍ଗାମାଟିଆ ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମି ବିକାଶ ନିମନ୍ତେ ଅର୍ଥ ଅନୁମୋଦନ ହୋଇ ନ ଥିବାରୁ କଳମଗଡିଆ ପଞ୍ଚାୟତର ସମାଜସେବୀ ଗୁଲୁରାମ ଲାମାଏ ଦୁଃଖ ପ୍ରକାଶ କରିଛନ୍ତି। ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ଗୋଇପାଇ କହିଛନ୍ତି, ଏହା ଉଭୟ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ବ୍ଲକ ପ୍ରଶାସନର ପାରିବାପଣିଆକୁ ପ୍ରମାଣିତ କରୁଛି। ଉକ୍ତ ଅଙ୍ଗନବାଡି କେନ୍ଦ୍ର ଭିତ୍ତିଭୂମିର ବିକାଶ କରାଯିବା ନିମନ୍ତେ ଶରତ ବିକାଶ ମଞ୍ଚର ରଜତ ଡାଙ୍ଗିଲ, ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ବେଲମଣୀ ତିୟୁ, ସିଦିଓ ଗୋଇପାଇ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଶରତ ବିକାଶ ମଞ୍ଚ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ନିମନ୍ତେ ମଞ୍ଚର ସଦସ୍ୟ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

## ମା' ଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ଭଦ୍ରକ,୨୫।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋର ଆରାଧ୍ୟ ଦେବୀ ମା' ଗଜଲକ୍ଷ୍ମୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ୫ଦିନ ବ୍ୟାପୀ ହୋମଯଜ୍ଞ, ପୂଜାପାଠରେ ସମଗ୍ର



ଅଞ୍ଚଳରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଦୀର୍ଘ ବର୍ଷ ହେବ ମତୋରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଥିଲେ ମଧ୍ୟ ଏକ ସ୍ଥାୟୀ ମନ୍ଦିରଟିଏ ନ ଥିଲା। ସ୍ଥାୟୀ ମନ୍ଦିର ନିର୍ମାଣ ପାଇଁ ପୂଜା କମିଟି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ମନ୍ଦିର ନିର୍ମାଣ ପାଇଁ ଆଖପାଖ ଅଞ୍ଚଳର ବହୁ ଦାତବ୍ୟ ବ୍ୟକ୍ତି ସହାୟତାର ହାତ ବଢ଼ାଇଥିଲେ। ଶେଷରେ ମା'ଙ୍କ ପାଇଁ ଏକ ଭବ୍ୟ ମନ୍ଦିର ନିର୍ମାଣ ସହ ମା'ଙ୍କର ଏକ ପ୍ରସ୍ତର ନିର୍ମିତ ପ୍ରତିମା ସ୍ଥାପିତ ହୋଇପାରିଛି। ୫ଦିନ ବ୍ୟାପୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଡେପୁଟି କଲେକ୍ଟର କାର୍ତ୍ତିକ ମଣ୍ଡଳ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, କଂଗ୍ରେସର ଯୁବନେତା ସତ୍ୟାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ମା'ଙ୍କ କୃପାଲାଭ କରିଥିଲେ। ପ୍ରତିଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ଭଜନ ସନ୍ଧ୍ୟା, ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

